**OFFICE OF THE COLECTOR & DISTRICT MAGISTRATE, KALAHANDI**

**No.** 324 **/ L.A,** **Date** 11.09.2019

To

**The District Information Officer,**
**N.I.C, Kalahandi**

Sub: - Forwarding of Expert Group Recommendation Copy on SIA Study Report for acquisition of land in village Utkela for construction of "Utkela Airstrip".

Sir,

In inviting to the subject cited above, I am to forward herewith Expert Group Recommendation Copy on SIA Study Report of above aforesaid project for upload it in the Kalahandi District Portal.

This is for your information and necessary action.

**Encl**:- As above.

Yours faithfully

11/09/19

**Land Acquisition Officer**
**Kalahandi**

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଧାରା ୭ ର ଉପଧାରା ୧ ମୁତାବକ କଳାହାଣ୍ଡି ଜିଲ୍ଲାରେ ଆର ସି ଏସ ଉଡାଣ ଯୋଜନାରେ ଉତ୍କେଲା ଏୟାରଷ୍ଟ୍ରିପ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ଜିଲ୍ଲାସ୍ତରୀୟ ବହୁଶୃଙ୍ଖଳିୟ ବିଶେଷଜ୍ଞ କମିଟିର ତା- ୨୨.୦୮.୨୦୧୯ରିଖ ପୂର୍ବାହ୍ନ ଘ. ୧୦.୦୦ ମି. ସମୟରେ ଜିଲ୍ଲାପାଳ, କଳାହାଣ୍ଡିଙ୍କ ସଭାଗୃହରେ ଅନୁଷ୍ଠିତ ବୈଠକ ବିବରଣୀ ଏବଂ ସୁପାରିଶ ରିପୋର୍ଟ ।

---

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଧାରା ୭ ର ଉପଧାରା ୧ ମୁତାବକ କଳାହାଣ୍ଡି ଜିଲ୍ଲାରେ ଆର ସି ଏସ ଉଡାଣ ଯୋଜନାରେ ଉତ୍କେଲା ଏୟାରଷ୍ଟ୍ରିପ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ଜିଲ୍ଲାସ୍ତରୀୟ ବହୁଶୃଙ୍ଖଳିୟ ବିଶେଷଜ୍ଞ କମିଟିର ବୈଠକ ଜିଲ୍ଲାପାଳ,କଳାହାଣ୍ଡିଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ନିମ୍ନଲିଖିତ ସଦସ୍ୟ ତଥା ଅଧିକାରୀଗଣ ଉପସ୍ଥିତ ଥିଲେ ।

୦୧- ଶ୍ରୀ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଅତିରିକ୍ତ ଜିଲ୍ଲାପାଳ, କଳାହାଣ୍ଡି - ଅଧ୍ୟକ୍ଷ
୦୨- ଶ୍ରୀ ମିର୍ଦ୍ଧା ଟପ୍ପୋ, ଉପ-ଜିଲ୍ଲାପାଳ, ଭବାନୀପାଟଣା - ଆବାହକ
୦୩- ଶ୍ରୀ ଗଣ୍ଡାରାମ ଖମାରି, ତହସିଲଦାର, କେସିଙ୍ଗା - ସଦସ୍ୟ
୦୪- ଶ୍ରୀ ଭୀମସେନ ଶବର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, କେସିଙ୍ଗା - ସଦସ୍ୟ
୦୫- ଇଂ. ଅଜିତ୍ କୁମାର ବାବୁ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, କଳାହାଣ୍ଡି - ସଦସ୍ୟ
୦୬- ଡ. ଅଜୟ କୁମାର ମିଶ୍ର, ଅବସର ପ୍ରାପ୍ତ ରିଡର, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭବାନୀପାଟଣା - ସଦସ୍ୟ
୦୭- ଶ୍ରୀ ଜୟଧର ଶତନାମୀ, ଅବସର ପ୍ରାପ୍ତ ରିଡର, ସରକାରୀ ମହିଳା ମହାବିଦ୍ୟାଳୟ, ଭବାନୀପାଟଣା - ସଦସ୍ୟ
୦୮- ଶ୍ରୀ ବିଶ୍ୱମ୍ବର ମିଶ୍ର, କାର୍ଯ୍ୟକାରୀ ଅଧିକାରୀ, କେସିଙ୍ଗା ଏନ.ଏ.ସି - ସଦସ୍ୟ
୦୯- ଶ୍ରୀମତି ସଞ୍ଜିତା ବାଗ, ସରପଞ୍ଚ, ଉତ୍କେଲା ଗ୍ରାମପଞ୍ଚାୟତ - ସଦସ୍ୟ
୧୦- ଶ୍ରୀ ଜିତେନ୍ଦ୍ର କୁମାର ମିଶ୍ର, ଭୂ-ଅର୍ଜନ ଅଧିକାରୀ, କଳାହାଣ୍ଡି
୧୧- ଶ୍ରୀ ଗିରିଧାରୀ ପଟ୍ଟନାୟକ, ଦଳମୁଖ୍ୟ, ନିର୍ଦ୍ଦେଶ (Team Leader, NIRDES)

ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ତଥା ବିଶେଷଜ୍ଞ କମିଟିର ଅଧ୍ୟକ୍ଷ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ । ତାପରେ ଭୂ-ଅର୍ଜନ ଅଧିକାରୀ, କଳାହାଣ୍ଡି ବୈଠକର ଉଦ୍ଦେଶ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ । ପ୍ରକଳ୍ପର ସାମାଜିକ ପ୍ରଭାବ ଆକଳନ ଉପରେ ମୂଲ୍ୟାୟନ ପାଇଁ ଗଠିତ ବିଶେଷଜ୍ଞ ଗୋଷ୍ଠୀର ଭୂମିକା ତଥା ବୈଠକର ବିଚାର୍ଯ୍ୟ ବିଷୟ ବସ୍ତୁ ଓ ନିଷ୍ପତ୍ତି ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ତଥା ବିଶେଷଜ୍ଞ ଗୋଷ୍ଠୀର ଅଧ୍ୟକ୍ଷ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ତତ୍ସହିତ ପୂର୍ତ୍ତ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ଇଂ. ଅଜିତ କୁମାର ବାବୁ ପ୍ରକଳ୍ପର ଭୌଗଳିକ ରୂପରେଖ ସମ୍ପର୍କରେ ସମସ୍ତଙ୍କୁ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ।

ବିମାନ ବନ୍ଦର ପରିବହନ ଭିତ୍ତିଭୂମିର ଗୋଟିଏ ଅଭିନ୍ନ ଅଂଶ ଅଟେ ଏବଂ ଅର୍ଥବ୍ୟବସ୍ଥାରେ ଏକ ମହତ୍ୱପୂର୍ଣ୍ଣ କ୍ଷେତ୍ର ଅଟେ । ବିମାନ ବନ୍ଦର ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଥିବା ବ୍ୟବସାୟରେ ଅଭିବୃଦ୍ଧି କରିବା ସହ ଭବିଷ୍ୟତରେ ଏହାକୁ ଅଧିକ ସମୃଦ୍ଧ କରିବାକୁ କ୍ଷମତା ରଖିଥାଏ । ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ନୂତନ ଭାବରେ ବିମାନ ବନ୍ଦର ନିର୍ମାଣ, ବିସ୍ତାର ଓ ପୂର୍ବରୁ ଥିବା ଭିତ୍ତିଭୂମିର ଉନ୍ନତି ନିମନ୍ତେ ବିଭିନ୍ନ ବିମାନ ବନ୍ଦର ପ୍ରକଳ୍ପ ଆରମ୍ଭ କରିଛନ୍ତି । ଉତ୍କେଲା ଏୟାର ଷ୍ଟ୍ରିପ ପ୍ରକଳ୍ପ ସେମାନଙ୍କ ମଧ୍ୟରୁ ଅନ୍ୟତମ, ଯେଉଁଥିରେ ବର୍ତ୍ତମାନ ଆବଶ୍ୟକତା ଆଧାରରେ ଉନ୍ନତି କରଣ କରାଯିବ ବୋଲି ଶ୍ରୀ ବାବୁ ମତ ବ୍ୟକ୍ତ କରିଥିଲେ ।

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ପ୍ରବନ୍ଧନ ଅନୁଯାୟୀ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ପରିବାର ଗୁଡ଼ିକୁ "ଜନଗଣନା ସର୍ଭେ ପଦ୍ଧତି" ଏବଂ ପରୋକ୍ଷ ଭାବରେ ପ୍ରଭାବିତ ପରିବାର ଗୁଡ଼ିକୁ " ନମୁନା ସର୍ବେକ୍ଷଣ ପଦ୍ଧତି" ରେ ଆକଳନ କରାଯାଇଛି । ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ୧୩ ଟି ପରିବାର ଏବଂ ପରୋକ୍ଷ ଭାବରେ ପ୍ରଭାବିତ ୧୦ ଟି ପରିବାର ସର୍ବେକ୍ଷଣ କରାଯାଇଥିଲା । ଉତ୍କେଲା ଏୟାର ଷ୍ଟ୍ରିପ ପ୍ରକଳ୍ପ ନିର୍ମାଣ ନିମନ୍ତେ ଉତ୍କେଲା ଗ୍ରାମରେ ସମୁଦାୟ ୮.୫୨ ଏକର ବ୍ୟକ୍ତିଗତ ଜମି ପ୍ରଭାବିତ ହେବ ଓ ସମୁଦାୟ ପ୍ରଭାବିତ ହେଉଥିବା ୮.୫୨ ଏକର ଜମି ଅଧିଗ୍ରହଣ କରାଯିବ । ସର୍ବେକ୍ଷଣ ସମୟରେ ଏସ. ଆଇ. ଏ ଦଳ ସମସ୍ତ ୧୩ ଟି ପରିବାରଠାରୁ ତଥ୍ୟ ସଂଗ୍ରହ ମାଧ୍ୟମରେ ଅଧିଗ୍ରହଣ ହେଉଥିବା ସମସ୍ତ ଜମିକୁ ଆଚ୍ଛାଦିତ କରିଥିଲେ । ସମସ୍ତ ପ୍ରଭାବିତ ପରିବାରମାନଙ୍କ ଅଧିକାରରେ ୫୮.୪୭ ଏକର ଜମି ଉପଲବ୍ଧ ଅଛି । ପ୍ରାଥମିକ ତଥ୍ୟରୁ ଏହା ଅବଗତ ହେଉଛି ଯେ ପ୍ରଭାବିତ ପରିବାରମାନଙ୍କ ପାଖରେଥିବା ସମୁଦାୟ ବ୍ୟକ୍ତିଗତ ଜମିରୁ ୮.୫୨ (୧୪.୫୭ %) ଏକର ଜମି ଏୟାର ଷ୍ଟ୍ରିପ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବ । ଏବଂ ସମୁଦାୟ ପ୍ରଭାବିତ ଜମି ଅଧିଗ୍ରହଣ କରାଯିବ । ପ୍ରସ୍ତାବିତ ପ୍ରକଳ୍ପରେ ଲୋକମାନେ ବ୍ୟକ୍ତିଗତ ଜମି ହରାଉଛନ୍ତି । ଆହୁରି ମଧ୍ୟ ପ୍ରକଳ୍ପ ପ୍ରଭାବିତ ଗ୍ରାମରେ ବ୍ୟକ୍ତିଗତ ଜମି ବ୍ୟତୀତ ପ୍ରକଳ୍ପ ଗ୍ରାମରେ ଅନ୍ୟ କୌଣସି ଡାଙ୍ଗା/ଘର, ଗଛ, ସର୍ବସାଧାରଣ ସମ୍ପତି ଆଦି ପ୍ରଭାବିତ ହେଉନାହିଁ । ଅଧ୍ୟୟନର ନିଷ୍କର୍ଷ ଅନୁଯାୟୀ ସମସ୍ତ ପ୍ରଭାବିତ ଲୋକ ଉତ୍କେଲା ଏୟାର ଷ୍ଟ୍ରିପ ପ୍ରକଳ୍ପ ସମ୍ବନ୍ଧରେ ଅବଗତ ଅଛନ୍ତି ଯାହା ସମ୍ପୃକ୍ତ ଗ୍ରାମରେ ଆରମ୍ଭ ହେବାକୁ ଯାଉଛି । ଏବଂ ସେମାନେ ପ୍ରକଳ୍ପରୁ ଉଭୟ ସାମାଜିକ ଓ ଆର୍ଥିକ ଲାଭ ପାଇବେ ବୋଲି ରାଜ୍ୟ ଏସ. ଆଇ. ଏ ୟୁନିଟ, ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର (NCDS) ଦ୍ୱାରା ନିଯୁକ୍ତ ହୋଇ ସର୍ଭେ କରିଥିବା ସଂସ୍ଥା ନିର୍ଦ୍ଦେଶ (NIRDES) ର ଦଳମୁଖ୍ୟ (Team Leader) ଶ୍ରୀ ଗିରିଧାରୀ ପଟ୍ଟନାୟକ Expert Group ଆଗରେ ପ୍ରକାଶ କରିଥିଲେ ।

ଏହି ପରିପ୍ରେକ୍ଷୀରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରୁ ଜଣାଯାଇଛି ଯେ ପ୍ରଭାବିତ ୧୩ ଟି ପରିବାର ନିକଟରେ ୫୮.୪୭ ଏକର ଜମି ଉପଲବ୍ଧ ଅଛି, ସେଥିରୁ ମାତ୍ର ୮.୫୨ ଏକର (୧୪.୫୭ %) ଅଧିଗ୍ରହଣ ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଛି । ତେଣୁ ସମୁଦୟଙ୍କୁ ମିଳୁଥିବା ଲାଭ ତୁଳନାରେ ପ୍ରଭାବିତ ପରିବାର ଉପରେ ପଡୁଥିବା ନକରାତ୍ମକ ପ୍ରଭାବ ଅତି ନଗଣ୍ୟ । ଲୋକମାନଙ୍କୁ ଉପଲବ୍ଧ ହେଉଥିବା ବିଭିନ୍ନ ସୁବିଧା ସୁଯୋଗ ଓ ସମ୍ପତିର କ୍ଷତି ନିମନ୍ତେ ନୂତନ ଭାବରେ ବନ୍ଦୋବସ୍ତ କରାଯିବ । ତେଣୁ ଏୟାର ଷ୍ଟ୍ରିପ ନିର୍ମାଣ ପ୍ରକଳ୍ପ ରାଜ୍ୟ ନିମନ୍ତେ ବହୁତ ଆବଶ୍ୟକ ଏବଂ ଏହା ଏକ ବ୍ୟବହାର୍ଯ୍ୟ ପ୍ରକଳ୍ପ ଯାହାକି ସରକାରଙ୍କ ଦ୍ୱାରା ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରାଯିବ ଉଚିତ । ମୋଟାମୋଟି ଭାବରେ ଏଥିରୁ ଅନୁମାନ କରାଯାଏ ଯେ ପ୍ରକଳ୍ପ ସପକ୍ଷରେ ବିପୁଳ ଜନ ସମର୍ଥନ ରହିଛି ।

ଏତଦ ବ୍ୟତୀତ ଗତ ଜୁଲାଇ ୧୨ ତାରିଖରେ ଉତ୍କେଲା ଏୟାର ଷ୍ଟ୍ରିପ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ଆକଳନ ଓ କ୍ଷତିଗ୍ରସ୍ତ ପ୍ରଭାବିତ ପ୍ରଜା ମାନଙ୍କର ଯେଉଁ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା ଓ ତା' ଆଧାରରେ NCDS ପ୍ରଦାନ କରିଥିବା ରିପୋର୍ଟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବାପାଇଁ ଭୂ-ଅର୍ଜନ ଅଧିକାରୀ. କଳାହାଣ୍ଡି ପ୍ରସ୍ତାବ ଆଗତ କରିଥିଲେ । ଏବଂ Expert Group ରେ ସେସବୁ ବିଷୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସୁପାରିଶ କରଯାଇଥିଲା :-

୦୧- ପ୍ରଭାବିତ ଜନସାଧାରଣଙ୍କୁ ସେମାନଙ୍କ କ୍ଷତିପୂରଣ ରାଶି ଯଥା ଶୀଘ୍ର ଆବଣ୍ଟନ ହେବ ଉଚିତ। କ୍ଷତିଗ୍ରସ୍ତ ଜମିମାଲିକ ମାନଙ୍କୁ କ୍ଷତିପୂରଣ ଅର୍ଥ ପ୍ରଦାନ କରିବାପାଇଁ ଏକ ସହଜ ଓ ସରଳ ପ୍ରଣାଳୀ ଗ୍ରହଣ କରାଯିବା ଦରକାର ; କାରଣ ଅନେକ ଆଶଙ୍କା କରୁଛନ୍ତି ସରକାରୀ ବ୍ୟବସ୍ଥା ଜଟିଳ ଯାହାକି କ୍ଷତିଗ୍ରସ୍ତ ଲୋକଙ୍କୁ କ୍ଷତିପୂରଣ ପାଇବାପାଇଁ ସହାୟକ ହେବନାହିଁ।

ଏହାର ଉତ୍ତରରେ ଭୂ-ଅର୍ଜନ ଅଧିକାରୀ କହିଥିଲେ ଯେ ଉକ୍ତ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ "ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩" ଅନୁଯାୟୀ ହେବ ଯାହାକି ଏକ ଜନ ମଙ୍ଗଳକାରୀ ଆଇନ ଓ ଏଥିରେ ଜନସାଧାରଣଙ୍କର ସର୍ବାଙ୍ଗୀନ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇଛି ଏବଂ କ୍ଷତିପୂରଣ ଆବଣ୍ଟନ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ନିର୍ଦ୍ଧାରଣ କରାଯାଇଛି ।

୦୨- ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ ଲୋକଙ୍କୁ କାର୍ଯ୍ୟ ପ୍ରଦାନ କରିବାପାଇଁ ସୁପାରିଶ କରଯାଇଥିଲା ।

୦୩- ଜନଶୁଣାଣି ସମୟରେ ଉଦ୍ଭେଲାବାସୀ ଓ ଭୂମି ହରାଉଥିବା ବ୍ୟକ୍ତିମାନଙ୍କ ଅଧିରୁ ଜଣେ ଶ୍ରୀ ରଜତ କୁମାର ପାଇକରାୟ ତାଙ୍କର ପ୍ଲଟ ନଂ - ୧୪୬୭ କୁ ବି ଅଧିଗ୍ରହଣ କରାଯାଉ ବୋଲି ଅନୁରୋଧ କରିଥିଲେ କାରଣ ତାଙ୍କର ଉକ୍ତ ପ୍ଲଟଟି ଅଧିଗ୍ରହଣ କରାଯାଉଥିବା ୧୪୭୪ ଏବଂ ୧୪୬୮ ନମ୍ବର ପ୍ଲଟ ପାଖରେ ଅଛି । ଏହାର ପ୍ରତ୍ୟୁତ୍ତରରେ ପୂର୍ତ୍ତ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରି କହିଥିଲେ ଯେ ଏହି ବିଷୟ ତାଙ୍କ ଦୃଷ୍ଟିଗୋଚରକୁ ଅଣାଯାଇଥିଲା ଏବଂ ଉକ୍ତ ପ୍ଲଟଟିକୁ ପରବର୍ତ୍ତୀ ପର୍ଯ୍ୟାୟରେ ଭୂମି ଅଧିଗ୍ରହଣ ପ୍ରକ୍ରିୟାରେ ସାମିଲ କରାଯିବ ବୋଲି କହିଥିଲେ, ଯାହା ଦୀର୍ଘ ମିଆଦୀ ପ୍ରଶସ୍ତିକରଣ ( Long Term Expansion) ର ଅଂଶ ହେବ ବୋଲି କହିଥିଲେ ।

୦୪- ଜନଶୁଣାଣିରେ କ୍ଷତିଗ୍ରସ୍ତ ପ୍ରଜା ଶ୍ରୀ ବସନ୍ତ ପୁରୋହିତ ଉଠାଇଥିବା ବିଷୟ, ଯଥା :- ବଳକା ଜଳ ନିଷ୍କାସନ ପଥ ର ଆବଶ୍ୟକତା ଉପରେ କମିଟି ଆଲୋଚନା କରିଥିଲା । ଏହି ସମସ୍ୟାର ସମାଧାନ ନହେଲେ ଚାଷ ଜମିରେ ଜଳବନ୍ଦୀ ହୋଇ ଫସଲ ହାନି ଘଟିପାରେ । ତେଣୁ ଏଥିପାଇଁ ବିହିତ ପଦକ୍ଷେପ ନିଆଯିବାର ଆବଶ୍ୟକତା ଉପରେ କମିଟି ଗୁରୁତ୍ୱ ଆରୋପ କରିଥିଲା । ପୂର୍ତ୍ତ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରି ଏହି ସମସ୍ୟାକୁ ଅତି କମ ଦିନରେ ସମାଧାନ କରାହେବ ଏବଂ ତା ପାଇଁ ଦରକାରୀ ପଦକ୍ଷେପ ତାଙ୍କ ସ୍ତରରେ ନେବା ଆରମ୍ଭ କଲେଣି ବୋଲି କମିଟିକୁ ଜଣାଇଥିଲେ ।

୦୫- ଶ୍ରୀ ଗିରିଧାରୀ ନାୟକ, ଯେକି ଏୟାର ଷ୍ଟ୍ରିପ ପ୍ରକଳ୍ପରେ ନିଜର ଜମି ହରାଉଛନ୍ତି ଏବଂ ସେ ଜଣେ ଭିନକ୍ଷମ ବ୍ୟକ୍ତି ଅଟନ୍ତି । ସେ ଜମି ହରାଉଥିବାରୁ ତା ପାଇଁ ଜମି ବଦଳରେ ଜମି ଦିଆଯାଉ ଓ ତାଙ୍କ ପୁଅକୁ ଚାକିରି ଦିଆଯାଉ ବୋଲି ଦାବି କରିଥିଲେ । ଏହାର ପ୍ରତ୍ୟୁତ୍ତରରେ ଭୂମି ଅଧିଗ୍ରହଣ ନିୟମ ଅନୁଯାୟୀ ସେ ଯାହା କ୍ଷତିପୂରଣ ପାଇବା ପାଇଁ ଯୋଗ୍ୟ ସେହି ଅନୁସାରେ ତାଙ୍କୁ କ୍ଷତିପୂରଣ ମିଳିବ, ତଦବ୍ୟତୀତ ଯେହେତୁ ସେ ଜଣେ ଭିନକ୍ଷମ ତେଣୁ DSSO ଙ୍କ ସହ ଆଲୋଚନା କରି ତାଙ୍କ ପାଇଁ ଆଉ କିଛି ସହାୟତା ପାଇଁ ବ୍ୟବସ୍ଥା କରିବାକୁ ସୁପାରିଶ କରଯାଇଥିଲା ।

୦୬- ଶ୍ରୀ ଗଙ୍ଗାଧର ନାୟକ ଉଠାଇଥିବା ଦାବି ଯଥା ଚାଷ ଜମିକୁ ରାସ୍ତା ନେଇ କମିଟି ଆଲୋଚନା କରି ଏଥିପାଇଁ ପଦକ୍ଷେପ ନେବାକୁ ସୁପାରିଶ କରିଥିଲେ ।

୦୭- ଶ୍ରୀ ପର୍ଶୁରାମ ନାୟକ ଉଠାଇଥିବା ଦାବି ଯେ ତାଙ୍କର ୦.୧ ଡିସିମିଲ ଜାଗା ଜାତୀୟ ରାଜପଥରେ ଯାଉଛି ଏବଂ ବାକିତକ ଜାଗାକୁ ମଧ ଅଧିଗ୍ରହଣ କରାଯାଉ, ଉପରେ ଆଲୋଚନାକରି କମିଟି ଉକ୍ତ ଜାଗାଟିକୁ ଯଦି ସମ୍ଭବ ଯଥାଶୀଘ୍ର Direct Purchase Proposal ଆଗତ କରି DCAC ଦ୍ୱାରା ଅନୁମୋଦନ କରି ତାକୁ ତୁରନ୍ତ କ୍ଷତିପୂରଣ ଦିଆଯାଉ ବୋଲି ସୁପାରିଶ କରିଥିଲେ ।

ବିଶେଷଜ୍ଞ କମିଟି ପ୍ରକଳ୍ପ ନିର୍ମାଣର ସମସ୍ତ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା, ପର୍ଯ୍ୟାଲୋଚନା କରିବା ସହ, କମିଟିର ସଦସ୍ୟରୂପେ ଆସିଥିବା ସ୍ଥାନୀୟ ସରପଞ୍ଚଙ୍କର ମତାମତ ଲୋଡିଥିଲେ । ସରପଞ୍ଚ ମହୋଦୟା ଏହି ପ୍ରକଳ୍ପ ଦ୍ୱାରା ତାଙ୍କ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ହେବ ବୋଲି ମତ ପୋଷଣ କରିଥିଲେ। ଏବଂ ସେ ଭୂମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉ ବୋଲି ଜିଲ୍ଲା ପ୍ରସାଶନକୁ ଅନୁରୋଧ କରିଥିଲେ ।

କମିଟିର ସଦସ୍ୟ ଥିବା ସମାଜ ବିଜ୍ଞାନୀ ଡକ୍ଟର ଅଜୟ କୁମାର ମିଶ୍ର ଏବଂ ଶ୍ରୀ ଜୟଧର ସତନାମୀ କହିଥିଲେ ଯେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରୁ ଜଣାପଡୁଛି ଯେ ପ୍ରଭାବିତ 13 ଟି ପରିବାର ନିକଟରେ ୫୮.୪୭ ଏକର ଜମି ଉପଲବ୍ଧ ଅଛି, ସେଥିରୁ ମାତ୍ର ୮.୫୨ ଏକର (୧୪.୫୬ %) ଅଧିଗ୍ରହଣ ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଛି । ଏଣୁ ସମୁଦାୟକୁ ମିଳୁଥିବା ଲାଭ ତୁଳନାରେ ପରିବାର ଉପରେ ପଡୁଥିବା ନକରାତ୍ମକ ପ୍ରଭାବ ଅତି ନଗଣ୍ୟ । ଏଣୁ ଏୟାର ଷ୍ଟ୍ରିପ ନିର୍ମାଣ ପ୍ରକଳ୍ପ ରାଜ୍ୟ ନିମନ୍ତେ ବହୁତ ଆବଶ୍ୟକ ଏବଂ ଏହା ଏକ ବ୍ୟବହାର୍ଯ୍ୟ ପ୍ରକଳ୍ପ ଯାହାକି ସରକାରଙ୍କ ଦ୍ୱାରା ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରାଯିବା ଉଚିତ ବୋଲି ମତ ପୋଷଣ କରିଥିଲେ ।

କମିଟି ଦ୍ୱାରା ପ୍ରକଳ୍ପର ସମସ୍ତ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ସମସ୍ତେ ଏହି ନିର୍ଯ୍ୟାସ ରେ ଉପନୀତ ହେଲେ ଯେ :-

୦୧ - ଉକ୍ରେଲା ଏୟାର ଷ୍ଟ୍ରିପ ପ୍ରକଳ୍ପ ଦ୍ୱାରା ସେହି ଅଞ୍ଚଳ ଓ ଅଞ୍ଚଳବାସୀ ଅନେକ ମାତ୍ରାରେ ଉପକୃତ ହେବେ ଏବଂ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ବାଟ ଫିଟିବ ।

୦୨- ଏବଂ ଏହି ପ୍ରକଳ୍ପ ଦ୍ୱାରା ଅଞ୍ଚଳ ଓ ଅଞ୍ଚଳବାସୀଙ୍କୁ ମିଳୁଥିବା ଲାଭ ତୁଳନାରେ କ୍ଷତି ପରିମାଣ ଅତି ନଗଣ୍ୟ ।

ଶେଷରେ ଅତିରିକ୍ତ ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ବିଶେଷଜ୍ଞ ଗୋଷ୍ଠୀ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ଓ ଯଥା ସମୟରେ କାର୍ଯ୍ୟ ସମ୍ପନ୍ନ କରି ତାକୁ ଅଞ୍ଚଳବାସୀଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟକ୍ଷମ କରିବାପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

ସଭା ଶେଷରେ ଭୂ-ଅର୍ଜନ ଅଧିକାରୀ, କଳାହାଣ୍ଡି ସମସ୍ତଙ୍କୁ ସେମାନଙ୍କର ସକ୍ରିୟ ଯୋଗଦାନ ତଥା ସ୍ୱାଧୀନ ମତ ବ୍ୟକ୍ତ କରିଥିବାରୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ଅତିରିକ୍ତ ଜିଲ୍ଲାପାଳ ତଥା ଅଧ୍ୟକ୍ଷ,
ବିଶେଷଜ୍ଞ କମିଟି , କଳାହାଣ୍ଡି

ଗୋଷ୍ଠୀ ଉନ୍ନୟନ ଅଧିକାରୀ
କେସିଙ୍ଗା

ତହସିଲଦାର
କେସିଙ୍ଗା

ଉପ-ଜିଲ୍ଲାପାଳ
ଭବାନୀପାଟଣା

ଭୂ-ଅର୍ଜନ ଅଧିକାରୀ
କଳାହାଣ୍ଡି

କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ
ପୂର୍ତ୍ତ ବିଭାଗ,କଳାହାଣ୍ଡି

କାର୍ଯ୍ୟକାରୀ ଅଧିକାରୀ
(Executive Officer).
Kesinga NAC

ଡ. ଅଜୟ କୁମାର ମିଶ୍ର,
ଅବସର ପ୍ରାପ୍ତ ରିଡର (ଭୂଗୋଳ),
ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ,
ଭବାନୀପାଟଣା

ଶ୍ରୀ ଜୟଧର ଶତନାମୀ,
ଅବସର ପ୍ରାପ୍ତ ରିଡର (ଅର୍ଥନୀତି),
ସରକାରୀ ମହିଳା ମହାବିଦ୍ୟାଳୟ,
ଭବାନୀପାଟଣା

ସରପଞ୍ଚ, ଉକ୍ରେଲା,
ଗ୍ରାମ ପାଞ୍ଚାୟତ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,କଳାହାଣ୍ଡି,ଭୂ-ଅର୍ଜନ ଶାଖା,ଭବାନୀପାଟଣା

ଜ୍ଞାପକ ସଂଖ୍ୟା 303 ତା - ୨୭.୫.୨୦୧୯

Multi-Disciplinary Expert Group (ବହୁଶୃଙ୍ଖଳିୟ ବିଶେଷଜ୍ଞ କମିଟି) ସୁପାରିଶ ରିପୋର୍ଟ ସହ SIA (ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ) ରିପୋର୍ଟ, SIMP (ସାମାଜିକ ପ୍ରଭାବ ପରିଚାଳନା ଯୋଜନା) ରିପୋର୍ଟ ର ଏକକିତା ଲେଖାଏଁ ନକଲ ଜିଲ୍ଲାପାଳ, କଳାହାଣ୍ଡି, ଉପ-ଜିଲ୍ଲାପାଳ, ଭବାନୀପାଟଣା, ତହସିଲଦାର, କେସିଙ୍ଗା, ସରପଞ୍ଚ, ଉତ୍କେଲା ଗ୍ରାମ ପଞ୍ଚାୟତଙ୍କ ଅବଗତି ତଥା ବିସ୍ତୃତ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

Multi-Disciplinary Expert Group (ବହୁଶୃଙ୍ଖଳିୟ ବିଶେଷଜ୍ଞ କମିଟି) ସୁପାରିଶ ରିପୋର୍ଟ ସହ SIA (ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ) ରିପୋର୍ଟ, SIMP (ସାମାଜିକ ପ୍ରଭାବ ପରିଚାଳନା ଯୋଜନା) ରିପୋର୍ଟ ର ଏକକିତା ନକଲ ଉତ୍କେଲା ଗ୍ରାମବାସୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

(signature) ୨୭/୦୫/୧୯

ଭୂ-ଅର୍ଜନ ଅଧିକାରୀ,କଳାହାଣ୍ଡି,
ଭବାନୀପାଟଣା

Matishikam Majhi
Tekeram Majhi
Hiraram Patel
Deepak Patel

Received a copy.
(signature)
7.9.19
Head Clerk
(Kesinga, Tahasil)

(signature)
7/9/19
Sarapanch
Utkela G.P.
Utkela,Kalahandi

ମାନନୀୟ,

ଶ୍ରୀଯୁକ୍ତ ଭୂ-ଅର୍ଜନ ଅଧିକାରୀ, କଳାହାଣ୍ଡି

ଅଦ୍ୟ ତା- 07/09/2019 ରିଖ ଦିନ ମୌଜା ଉତ୍କେଲା, ତହସିଲ କେସିଙ୍ଗା। ଗ୍ରାମ କହି ତହସିଲ କାର୍ଯ୍ୟାଳୟ, କେସିଙ୍ଗା, ସରପଞ୍ଚ ଅଫିସ, ଉତ୍କେଲା ରେ ଏକକିତା ଲେଖାଏଁ କପିଏ ପ୍ରଦାନ କରି ତାହା ଉପରେ ସ୍ୱାକ୍ଷର କରିଥିବା। ଗ୍ରାମବାସୀଙ୍କ ସମ୍ମୁଖରେ ଗ୍ରାମର ମଧ୍ୟସ୍ଥଳରେ ଏକକିତା କପିଏ ଲଗାଯାଇଛି। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆପଣଙ୍କୁ ଜଣାଉଛି ଜଣାଇଲି ।

(ଲୁଚି)
ଆପଣଙ୍କର ବିଶ୍ୱସ୍ତ
(signature)

Received
(signature)
7/9/19
J.W. Pati
Sr. Clerk
(o/o - Sub-collector
B.h. Patna)

(signature) 07/09/19
Land Acquisition Officer
KALAHANDI

# ଅଧ୍ୟାୟ-୬ : ସାମାଜିକ ପ୍ରଭାବ ପରିଚାଳନା ଯୋଜନ (ଏସ.ଆଇ.ଏମ.ପି)

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୪ର ଉପଧାରା ୫ରେ ସାମାଜିକ ପ୍ରଭାବ ପରିଚଳାନା ଯୋଜନା ପ୍ରସ୍ତୁତ କରିବା ପାଇଁ କୁହାଯାଇଛି । ଏହି ଯୋଜନା ଅଧିନରେ କୌଣସି ଏକ ପ୍ରକଳ୍ପ ଦ୍ୱାରା ସୃଷ୍ଟି ହୋଇଥିବା ନକାରାତ୍ମକ ପ୍ରଭାବ ଗୁଡ଼ିକୁ ପ୍ରତିହତ କରିବା ପାଇଁ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥାକୁ ବିଭିନ୍ନ ପ୍ରକାର କଲ୍ୟାଣମୂଳକ କାର୍ଯ୍ୟକ୍ରମମାନ ହାତକୁ ନେବାପାଇଁ ନିର୍ଦ୍ଦେଶ ରହିଛି । ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP)ଟି ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ, ଯେଉଁଥିରେ ପ୍ରକଳ୍ପର ହାନିକାରକ ଦିଗଗୁଡ଼ିକୁ ନିବାରଣ କରିବା ପାଇଁ ପଦକ୍ଷେପମାନ ବର୍ଣ୍ଣନା ହେବା ସହ ଏଥିପାଇଁ ଆବଶ୍ୟକ ହେଉଥିବା ଖର୍ଚ୍ଚକୁ କାର୍ଯ୍ୟକାରୀ କରିବା ସଂସ୍ଥା ଏବଂ ସମୟ ନିର୍ଘଣ୍ଟ ଆଦିର ବର୍ଣ୍ଣନା ହୋଇଥାଏ । ଏହି ଅଧ୍ୟୟନକାଳରେ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦ୍ୱାରା ଉପୁଜୁଥିବା ଅନେକଗୁଡ଼ିଏ ସକରାତ୍ମକ ଏବଂ ନକରାତ୍ମକ ଦିଗ ପରିଲକ୍ଷିତ ହୋଇଛି । ତେଣୁ ପ୍ରକଳ୍ପର ନକରାତ୍ମକ ପ୍ରଭାବକୁ ପରିଚାଳନା ତଥା ତଦାରଖ କରିବା ପାଇଁ ପରିଚାଳନା ଯୋଜନା ଏପରି ପ୍ରସ୍ତୁତି ହେବା ଆବଶ୍ୟକ ଯାହାକି ପ୍ରକଳ୍ପ ପ୍ରଭାବିତ ପରିବାର, ଗୋଷ୍ଠୀ ଏବଂ ସମାଜ ଉପରେ ପଡୁଥିବା ହାନିକାରକ ପ୍ରଭାବ ଯଥା ସମ୍ଭବ କମ୍ ହେବ । କଳାହାଣ୍ଡି ଜିଲ୍ଲାର କେସିଙ୍ଗା ତହସିଲର ଉକ୍ରେଲା ଗ୍ରାମରେ ଉକ୍ରେଲା ଏୟାର ଷ୍ଟ୍ରିପ୍ ପ୍ରକଳ୍ପ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ବର୍ତ୍ତମାନ ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି, ସାମାଜିକ ପ୍ରଭାବ ପ୍ରଶମନ ଯୋଜନାଟି ଆର.ଏଫ.ସି.ଟି.ଏଲ.ଏ. ଆର.ଆର.,୨୦୧୩ ଏବଂ ଓଡିଶା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୬ର ନିୟମ ମୁତାବକ ପ୍ରସ୍ତୁତ କରାଯାଇଛି ।

**ପ୍ରଭାବ ଚିହ୍ନଟ ପ୍ରକ୍ରିୟା ଓ ଢାଞ୍ଚା**

ପ୍ରକଳ୍ପ ଅଞ୍ଚଳରେ ପ୍ରଭାବର ଢାଞ୍ଚାରେ ସାମାଜିକ ବ୍ୟବସ୍ଥା ପରିବେଶ ବ୍ୟବସ୍ଥା ଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ପରିବାର ଉପରେ ପ୍ରଭାବ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ର ଉପରେ ପ୍ରାଥମିକ ପ୍ରଭାବ ଦେଖାଯାଏ ନାହିଁ । ବିମାନବନ୍ଦରର ରନ୍‌ୱେ ନିକଟରେ ଅବସ୍ଥିତ ଥିବାରୁ ବିମାନର ଯାତାୟତ ହେତୁ ଅଶାନ୍ତ ପବନ ସହିତ ଶବ୍ଦ ପ୍ରଦୂଷଣ ଓ କମ୍ପନ ସୃଷ୍ଟି ହୋଇଥାଏ । ବସ୍ତିବାସିନ୍ଦା ମାନଙ୍କର ଅପରିଷ୍କାର ରହଣୀ ସହିତ ଅନୁପଯୁକ୍ତ ଭାବରେ କଠିନ ବର୍ଯ୍ୟବସ୍ତୁର ପରଚାଳନା ଶିକାରୀ ପକ୍ଷୀ ଓ ବୁଲାଜନ୍ତୁମାନଙ୍କୁ ଆକର୍ଷିତ କରେ । ତେଣୁ ପକ୍ଷୀ ଏବଂ ବୁଲାଜନ୍ତୁ ମାନଙ୍କୁ ଏହି ଅଞ୍ଚଳରୁ ଘଉଡାଇଦେବା ପାଇଁ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ୱାରା ୨ ଟି ନିରିକ୍ଷଣ ଷ୍ଟେସନ୍ ସ୍ଥାପନ କରାଯାଇଛି । ଏହିପରି କରିବାକୁ ସମୟ ସମୟରେ ନିଯୁକ୍ତି ପାଇଥିବା ଜଗୁଆଳିମାନେ ଶୂନ୍ୟରେ ଗୁଳି ଚାଳନା କରିଥାନ୍ତି । ଏହା ସମୟ ସମୟରେ ଭୁଲ ବୁଝାମଣା ସୃଷ୍ଟି କରେ ଏବଂ ଭୟର କାରଣ ହୋଇଥାଏ ।

ଏହାମଧ୍ୟ ପରିଲକ୍ଷିତ ହେଲା ଯେ, ଫଳ ଧାରଣ କରୁଥିବା ସ୍ଥାନୀୟ ଗଛ ବର୍ତ୍ତମାନ ବୁଢାହୋଇ ତାଙ୍କର ଉତ୍ପାଦନ ଶକ୍ତି ହରାଇ ସାରିଲେଣି । ଉଚ୍ଚ ଶବ୍ଦ ପ୍ରଦୁଷଣ, ଇନ୍ଧନ ତୈଳ ସ୍ଖଳନ ହେତୁ ବାୟୁ ପ୍ରଦୁଷଣ ଏବଂ ବିମାନ ଉପରକୁ ଉଠିବା ଓ

ପ୍ରକଳ୍ପ କର୍ଯ୍ୟକାରୀ କରିବା ସମୟରେ ପ୍ରକୃତିକ, ନିର୍ଜିବ ପଦାର୍ଥ ଉପରେ ପଡୁଥିବା ପ୍ରଭାବକୁ ନିର୍ଦ୍ଧାରଣ କରିବା ସହ ଏହାକୁ ସମାଧାନ କରିବ

୮) ପ୍ରଶମନ ଓ ଅଭିବୃଦ୍ଧି ଉପାୟର ଚିହ୍ନଟ ; ସାମ୍ଭାବିତ ପ୍ରଭାବଗୁଡିକୁ କିପରି ଏଡାଇ ଦିଆଯାଇପାରିବ, ପ୍ରଶମନ, କିମ୍ବା ଅଭିବୃଦ୍ଧି କରାଯାଇପାରିବ, ବ୍ୟକ୍ତି କିମ୍ବା ଗୋଷ୍ଠୀର କ୍ଷତି ନିମନ୍ତେ ବିକଳ୍ପ କ୍ଷତିପୂରଣ ସ୍ଥିର କରାଯାଇପାରିବ ।

ପ୍ରଭାବିତ ଅଞ୍ଚଳର ସୂଚକ ସୂଚୀ

ପ୍ରଭାବିତ ଅଞ୍ଚଳଟି କେବଳ ଯେ, ପ୍ରସ୍ତାବିତ ଜମି ଅଧିଗ୍ରହଣ ମଧ୍ୟରେ ସିମିତ ତାହା ନୁହେଁ, ଏହା ବିମାନ ବନ୍ଦରର ରନ୍‌ୱେର ପାଚେରି ନିକଟରେ ଥିବା ଜନବସତିକୁ ମଧ୍ୟ ସଂପ୍ରସାରିତ ହେବ । ଯେହେତୁ ଏୟାର ଷ୍ଟ୍ରୀପ ଓ ବସତି ମଧ୍ୟରେ କୌଣସି ବଫର ଜୋନ ନାହିଁ ତେଣୁ ପ୍ରଭାବଗୁଡିକ ସୀମାରେ ଥିବା ପାଚେରୀ ନିକଟରେ ଥିବା ଅଞ୍ଚଳକୁ ମଧ୍ୟ ବ୍ୟାପିବାର ସମ୍ଭାବନା ଅଛି ।

ସେ ଯାହାହେଉ, ନିମ୍ନରେ କାର୍ଯ୍ୟକ୍ରମ ଅନୁଯାୟୀ ପ୍ରଭାବ ଏବଂ ପ୍ରସ୍ତାବିତ ପ୍ରଶମନ ଉପାୟ ର ବିଶ୍ଲେଷଣ ଉପସ୍ଥାପନ କରାଯାଇଛି ।

ପ୍ରକଳ୍ପ କାର୍ଯ୍ୟକ୍ରମ – ୧: ଜମି ଅଧିଗ୍ରହଣ

ପ୍ରଭାବ– ଜମିରୁ ମିଳୁଥିବା ଆୟର କ୍ଷତି ଓ ଜମିରେ ଥିବା ଅନ୍ୟାନ୍ୟ ସମ୍ପତିର କ୍ଷତି ।

<u>ପ୍ରସ୍ତାବିତ ପ୍ରଶମନ ଉପାୟ</u> –

- ଅଧିକୃତ ଜମିର ସ୍ୱଚ୍ଛ ଓ ନ୍ୟାୟୋଚିତ ଭାବେ କ୍ଷତିପୂରଣ
- ଉପଯୁକ୍ତ ତଦନ୍ତ ସହିତ ଯଥା ସମୟରେ କ୍ଷତିପୂରଣ
- ଜମିର ଅଧିକୃତ ଅଂଶ ବ୍ୟତୀତ ଅନ୍ୟାନ୍ୟ ଭାଗରୁ ମାଟି, ଅଳିଆ ଆବର୍ଜନା ଗୋଡି ଆଦି କାଢି ଜମିକୁ କୃଷି ଉପଯୋଗି କରାଇବା
- ଋଷୀମାନଙ୍କୁ ସେମାନଙ୍କ ରୋଜଗାର ବଢ଼ାଇବା ପାଇଁ ଉନ୍ନତ ଓ ଅଧିକ ଅମଳକ୍ଷମ ଋଷ ପାଇଁ ପ୍ରବର୍ତ୍ତାଇବା ।
- ଯଦି ଜମି ଅଧିକୃତ ହେଲା ପରେ ଏକ ଛୋଟ ଅଂଶ ବଳକା ରହିଯାଏ । ଏହାକୁ ମଧ୍ୟ ଅଧିକୃତ କରାଯାଇ ଉପଯୁକ୍ତ କ୍ଷତିପୂରଣ ଦିଆଯିବା ଆବଶ୍ୟକ ।

ଦାୟିତ୍ୱ – ଏୟାର ଷ୍ଟ୍ରୀପ୍ ପ୍ରକଳ୍ପ ପରିଚାଳନା ଦଳ

ପ୍ରକଳ୍ପ କାର୍ଯ୍ୟ – ୨: ନିର୍ମାଣ କାର୍ଯ୍ୟ

ପ୍ରଭାବ – ନିଯୁକ୍ତି ସୁଯୋଗ ଓ ସ୍ଥାନୀୟ ଅଞ୍ଚଳରେ ବ୍ୟବସାୟ ସୁଯୋଗ

ପ୍ରକ୍ରିୟା ସବୁକୁ ଅନ୍ତର୍ଭୁକ୍ତ କରିବାକୁ ହେବ। ଦାୟିତ୍ୱ - ନିର୍ମାଣ ପାଇଁ ନିଯୁକ୍ତ କମ୍ପାନୀ ଓ କ୍ଷେତ୍ରରେ ଥିବା ପ୍ରକଳ୍ପ ପରିଚାଳନା ସଦସ୍ୟ ।

**ପ୍ରକଳ୍ପ କାର୍ଯ୍ୟ – ୪: ନିର୍ମାଣ କାର୍ଯ୍ୟ ପାଇଁ ଭାରୀ ଯାନବାହନର ଚଳପ୍ରଚଳ**

**ପ୍ରଭାବ – ମାନସିକ ଚାପ ଏବଂ ଉତ୍କଣ୍ଠା ସହିତ ସଂପୃକ୍ତ ଗୋଷ୍ଠୀଗତ କାର୍ଯ୍ୟାକଳାପ ସବୁରେ ବ୍ୟାଘାତ**

*ପ୍ରସ୍ତାବିତ ପ୍ରଶମନ ଉପାୟ* –

- ଆବଶ୍ୟକ ସ୍ଥଳେ କମ୍ପ୍ରେସର ଏବଂ ଅନ୍ୟାନ୍ୟ କ୍ଷୁଦ୍ର ଉପକରଣ ସବୁକୁ ରକ୍ଷା କରିବାପାଇଁ ବହନଯୋଗ୍ୟ ପ୍ରତିବନ୍ଧକ ସବୁର ସ୍ଥାପନ କରିବା ।
- ଶବ୍ଦ ନିୟନ୍ତ୍ରଣ ସଂପର୍କୀୟ ସାମଗ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଉପକରଣ ସବୁର ବ୍ୟବହାର ।
- ବହନକାରୀ ଟ୍ରକ୍ ସମୁହ ଏବଂ ଅନ୍ୟାନ୍ୟ କ୍ଷୁଦ୍ର ଉପକରଣ ସବୁକୁ  ସର୍ବନିମ୍ନ ସମୟ ପାଇଁ ଅଚଳ କରିବାକୁ ହେବ ଏବଂ ଯାନ ସବୁର ବ୍ୟବହାରପାଇଁ ସାଧାରଣ ଜ୍ଞାନର ପ୍ରୟୋଗ ଏବଂ ଯଥାସମ୍ଭବ ଯାନ ସବୁର ଇଞ୍ଜିନ୍‌କୁ ସ୍ଥାନ ବିଶେଷରେ ବନ୍ଦ ରଖିବା ପାଇଁ ଶ୍ରମିକମାନଙ୍କୁ ଉତ୍ସାହିତ କରାଯିବା ଆବଶ୍ୟକ ।
- ଉପଯୁକ୍ତ ଶ୍ରମିକ ସୁରକ୍ଷା ପ୍ରଦାନକାରୀ ଉପକରଣ ସବୁର ବ୍ୟବସ୍ଥା ।
- ଦିନବେଳା ନିର୍ମାଣ କାର୍ଯ୍ୟ ସମ୍ପାଦିତ ହେବା ଉଚିତ ।
- ଶ୍ରମଭିତ୍ତିକ ନିର୍ମାଣ ପ୍ରକ୍ରିୟା ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ଆବଶ୍ୟକ ।

ଦାୟିତ୍ୱ –ନିର୍ମାଣ ନିମନ୍ତେ ନିଯୁକ୍ତ କମ୍ପାନି ଏବଂ କ୍ଷେତ୍ରରେ ଥିବା ପ୍ରକଳ୍ପ ପରିଚାଳନା ଦଳ ।

**ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) କାର୍ଯ୍ୟକାରୀ କରିବାପାଇଁ ଆନୁଷ୍ଠାନିକ ବ୍ୟବସ୍ଥା**

ସାମାଜିକ ପ୍ରଭାବ ପରିଚାଳନା ଯୋଜନାରେ ମୌଳିକ ଲକ୍ଷ୍ୟ ହେଉଛି, ବିଭିନ୍ନ ଉନ୍ନତିମୂଳକ ଯୋଜନା ମାଧ୍ୟମରେ ପ୍ରତିକୂଳ ପ୍ରଭାବକୁ ଦୂର କରିବା । ପ୍ରଭାବିତ ପରିବାର ଏବଂ ଗୋଷ୍ଠୀର କଲ୍ୟାଣ ପାଇଁ ଆଇନରେ ତଥା ଓଡିଶା ସରକାରଙ୍କ ନିୟମାବଳୀରେ ବିଭିନ୍ନ ସ୍ତରରେ ଆନୁଷ୍ଠାନିକ ବ୍ୟବସ୍ଥା ରହିଛି । ପୁର୍ନବାସ ଓ ଥଇଥାନ ମୁଖ୍ୟ ହିସାବରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସମେତ ଜିଲ୍ଲା ପ୍ରଶାସନ, ଉପ ଜିଲ୍ଲାପାଳ, ଜମି ଅଧିଗ୍ରହଣ ଅଧିକାରୀ, ପ୍ରକଳ୍ପର ପ୍ରଶାସକ, ପ୍ରକଳ୍ପ ସ୍ତରରେ ଥିବା ପୁର୍ନବାସ ଓ ଥଇଥାନ କମିଟି ପୁର୍ନବାସ ଓ ଥଇଥାନ ତଦାରଖ ପାଇଁ ଥିବା ରାଜ୍ୟସ୍ତରୀୟ କମିଟିଙ୍କର ଦାୟିତ୍ୱ ହେଉଛି ପ୍ରକଳ୍ପର ସଠିକ୍ କାର୍ଯ୍ୟକାରିତା ସମେତ କ୍ଷତିପୂରଣ ଦେବା, ପୁର୍ନବାସ ଓ ଥଇଥାନ ଅଧିକାର ପ୍ରଦାନ କରିବାକୁ ସୁଗମ କରିବା, ପ୍ରଭାବିତ ପରିବାରଗୁଡିକ ମଧ୍ୟରେ ଥିବା ମତଭେଦକୁ ଶୀଘ୍ର ସମାଧାନ କରିବା ଏବଂ ଅଭିଯୋଗ ସମାଧାନ କରିବା । ଏହିସବୁ ସହାୟକ ବ୍ୟବସ୍ଥା ବ୍ୟତୀତ, ଏନ୍‌ଜିଓ, ସ୍ୱାଧୀନ ମୂଲ୍ୟାୟନ କରୁଥିବା ସଂସ୍ଥାମାନଙ୍କୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯିବ । ପ୍ରକଳ୍ପ କାର୍ଯ୍ୟକାରିତାର ଅଗ୍ରଗତିକୁ ତଦାରଖ କରିବା ପାଇଁ କେତେକ ସୁପାରିଶ କରାଯାଇଛି । ସ୍ୱାଧୀନ ତଥା ତୃତୀୟପକ୍ଷଙ୍କ  ଦ୍ୱାରା ସାମାଜିକ ପ୍ରଭାବ ପରିଚାଳନା

अनुसूची-३

## ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଲୋକମାନଙ୍କର ତାଲିକା

| କ୍ର.ନଂ | ଗ୍ରାମ | ପରିବାରର ମୁଖ୍ୟ | ପ୍ରକଳ୍ପ ପ୍ରଭାବିତ ହିତାଧିକାରୀ | ବୟସ | ପରିବାର ମୁଖ୍ୟଙ୍କ ସହ ସଂପର୍କ | ଜାତି | ମାଲିକାନାରେ ଥିବା ସମୁଦାୟ ଜମିର ପରିମାଣ | ଖାତା ନଂ | ପ୍ଲଟ ନଂ | କିସମ | ସମୁଦାୟ ପ୍ରଭାବିତ ଜମି | ଅଧିଗ୍ରହଣ ହେଉଥିବା ସମୁଦାୟ ଜମିର ପରିମାଣ | ଅଧିଗ୍ରହଣ ହେଉଥିବା ଜମି ମାଲିକାନା ରେ ଥିବା ସମୁଦାୟ ଜମିର କେତେ % | ଅଧିଗ୍ରହଣ ହେଉଥିବା ଜମି ପ୍ରଭାବିତ ଜମିର କେତେ % |
|---|---|---|---|---|---|---|---|---|---|---|---|---|---|---|
| ୧ | ଉକ୍ରେଲା | ଶ୍ରୀକାନ୍ତ ପୁରୋହିତ | ଶ୍ରୀକାନ୍ତ ପୁରୋହିତ | ୭୮ | ନିଜେ | ସାଧାରଣ | ୨.୯ | ୨୧୩ | ୧୪୬୯ | ଆଟ | | | | |
| ୧ | ଉକ୍ରେଲା | ଶ୍ରୀକାନ୍ତ ପୁରୋହିତ | ବସନ୍ତ ପୁରୋହିତ | ୫୧ | ପୁଅ | ସାଧାରଣ | | | | | | | | |
| ୨ | ଉକ୍ରେଲା | ଦିବ୍ୟଲୋଚନ ପୁରୋହିତ | ଦିବ୍ୟଲୋଚନ ପୁରୋହିତ | ୫୩ | ନିଜେ | ସାଧାରଣ | | | | | | | | |
| ୨ | ଉକ୍ରେଲା | ଦିବ୍ୟଲୋଚନ ପୁରୋହିତ | ବିଜୟାନନ୍ଦ ପୁରୋହିତ | ୨୮ | ପୁଅ | ସାଧାରଣ | | | | | | | | |
| ୩ | ଉକ୍ରେଲା | ସୁବାସ ପୁରୋହିତ | ସୁବାସ ପୁରୋହିତ | ୫୩ | ନିଜେ | ସାଧାରଣ | ୦.୬ | | | | | | | |
| ୩ | ଉକ୍ରେଲା | ସୁବାସ ପୁରୋହିତ | ଅଭୟାନନ୍ଦ ପୁରୋହିତ | ୨୪ | ପୁଅ | ସାଧାରଣ | | | | | | | | |
| ୩ | ଉକ୍ରେଲା | ସୁବାସ ପୁରୋହିତ | ଅଙ୍କିତା ପୁରୋହିତ | ୨୩ | ଝିଅ | ସାଧାରଣ | | | | | | | | |
| ୪ | ଉକ୍ରେଲା | ବଳଦେବ ପୁରୋହିତ | ବଳଦେବ ପୁରୋହିତ | ୪୦ | ନିଜେ | ସାଧାରଣ | ୧.୭ | | | | | | | |
| ୫ | ଉକ୍ରେଲା | ସନ୍ତୋଷ କୁମାର ପୁରୋହିତ | ସନ୍ତୋଷ କୁମାର ପୁରୋହିତ | ୩୬ | ନିଜେ | ସାଧାରଣ | | | | | | | | |

| କ୍ର.ନଂ | ଗ୍ରାମ | ପରିବାରର ମୁଖ୍ୟ | ପ୍ରକଳ୍ପ ପ୍ରଭାବିତ ହିତାଧିକାରୀ | ବୟସ | ପରିବାର ମୁଖ୍ୟଙ୍କ ସହ ସଂପର୍କ | ଜାତି | ମାଲିକାନାରେ ଥିବା ସମୁଦାୟ ଜମିର ପରିମାଣ | ଖାତା ନଂ | ପ୍ଲଟ ନଂ | କିସମ | ସମୁଦାୟ ପ୍ରଭାବିତ ଜମି | ଅଧିଗ୍ରହଣ ହେଉଥିବା ସମୁଦାୟ ଜମିର ପରିମାଣ | ଅଧିଗ୍ରହଣ ହେଉଥିବା ଜମି ମାଲିକାନା ରେ ଥିବା ସମୁଦାୟ ଜମିର କେତେ % | ଅଧିଗ୍ରହଣ ହେଉଥିବା ଜମି ପ୍ରଭାବିତ ଜମିର କେତେ % |
|---|---|---|---|---|---|---|---|---|---|---|---|---|---|---|
| ୬ | ଉତ୍କେଲା | ଜଗନ୍ନାଥ ପୁରୋହିତ | ଜଗନ୍ନାଥ ପୁରୋହିତ | ୪୫ | ନିଜେ | ସାଧାରଣ | ୧୦ | | | | | | | |
| | | | | | | | ୧୫.୨ | | | | ୦.୨୫ | ୦.୨୫ | ୧.୬୪ | ୧୦୦.୦୦ |
| ୭ | ଉତ୍କେଲା | ପବନକୁମାର ଜୈନ | ପବନକୁମାର ଜୈନ | ୫୦ | ନିଜେ | ସାଧାରଣ | ୩.୨୬ | ୫୨୦/ ୩୩୮ | ୧୪୭୧, ୧୪୭୩ | ଆଟ | | | | |
| | | | | | | | ୩.୨୬ | | | | ୩.୨୨ | ୩.୨୨ | ୯୮.୭୭ | ୧୦୦.୦୦ |
| ୮ | ଉତ୍କେଲା | ରଜତ କୁମାର ପାଇକରାୟ | ରଜତ କୁମାର ପାଇକରାୟ | ୩୧ | ନିଜେ | ଓବିସି | ୧୦.୦୯ | ୫୨୦/୨୨ ୩ | ୧୪୭୪, ୧୪୬୮ | ଆଟ | | | | |
| | | | | | | | ୧୦.୦୯ | | | | ୧ | ୧ | ୯.୯୧ | ୧୦୦.୦୦ |
| ୯ | ଉତ୍କେଲା | ଜଗୁ ନାୟକ | ଜଗୁ ନାୟକ | ୮୦ | ନିଜେ | ଓବିସି | ୨.୦୪ | ୧୪୧, ୧୪୨ | ୧୪୫୭, ୧୪୫୯ | ଆଟ | | | | |
| ୯ | ଉତ୍କେଲା | ଜଗୁ ନାୟକ | ରାମଚନ୍ଦ୍ର ନାୟକ | ୫୨ | ପୁଅ | ଓବିସି | | | | | | | | |
| ୯ | ଉତ୍କେଲା | ଜଗୁ ନାୟକ | ଭିକୁ ନାୟକ | ୨୮ | ପୁଅ | ଓବିସି | | | | | | | | |
| ୯ | ଉତ୍କେଲା | ଜଗୁ ନାୟକ | ବିପିନ ନାୟକ | ୨୦ | ପୁଅ | ଓବିସି | | | | | | | | |
| ୯ | ଉତ୍କେଲା | ଜଗୁ ନାୟକ | ସୁନନ୍ଦା ନାୟକ | ୧୮ | ଝିଅ | ଓବିସି | | | | | | | | |
| | | | | | | | ୨.୦୪ | | | | ୧.୯୫ | ୧.୯୫ | ୯୫.୫୯ | ୧୦୦.୦୦ |
| ୧୦ | ଉତ୍କେଲା | ଗିରିଧାରୀ ନାୟକ | ଗିରିଧାରୀ ନାୟକ | ୬୮ | ନିଜେ | ଓବିସି | ୫.୮୨ | ୩୬୨ | ୧୪୭୨, ୧୪୭୫, | ଆଟ | | | | |



କଳାହାଣ୍ଡି ଜିଲ୍ଲାରେ ଆର୍ ସି ଏସ୍ ଉଡାନ୍ ଯୋଜନାରେ ଉତ୍କେଲା ଏୟାରଷ୍ଟ୍ରିପ୍ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ [illegible]

| କ୍ର.ନଂ | ଗ୍ରାମ | ପରିବାରର ମୁଖ୍ୟ | ପ୍ରକଳ୍ପ ପ୍ରଭାବିତ ହିତାଧିକାରୀ | ବୟସ | ପରିବାର ମୁଖ୍ୟଙ୍କ ସହ ସଂପର୍କ | ଜାତି | ମାଲିକାନାରେ ଥିବା ସମୁଦାୟ ଜମିର ପରିମାଣ | ଖାତା ନଂ | ପ୍ଲଟ ନଂ | କିସମ | ସମୁଦାୟ ପ୍ରଭାବିତ ଜମି | ଅଧିଗ୍ରହଣ ହେଉଥିବା ସମୁଦାୟ ଜମିର ପରିମାଣ | ଅଧିଗ୍ରହଣ ହେଉଥିବା ଜମି ମାଲିକାନା ରେ ଥିବା ସମୁଦାୟ ଜମିର କେତେ % | ଅଧିଗ୍ରହ ହେଉଥି ପ୍ରଭାବିତ ଜମିର ତ %  |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | ୧୪୫୮ | | | | | |
| ୧୦ | ଉତ୍କେଳା | ଗିରିଧାରୀ ନାୟକ | ମହେଶ ନାୟକ | ୩୮ | ପୁଅ | ଓବିସି | | | | | | | | |
| ୧୧ | ଉତ୍କେଳା | ଖଗେଶ୍ୱର ନାୟକ | ଖଗେଶ୍ୱର ନାୟକ | ୪୫ | ନିଜେ | ଓବିସି | | | | | | | | |
| ୧୨ | ଉତ୍କେଳା | ବନମାଳୀ ନାୟକ | ବନମାଳୀ ନାୟକ | ୫୫ | ନିଜେ | ଓବିସି | | | | | | | | |
| ୧୨ | ଉତ୍କେଳା | ବନମାଳୀ ନାୟକ | ଆଶୀଷକୁମାର ନାୟକ | ୨୬ | ପୁଅ | ଓବିସି | | | | | | | | |
| ୧୨ | ଉତ୍କେଳା | ଗିରିଧାରୀ ନାୟକ | ଅନ୍ୱେଶା ନାୟକ | ୨୨ | ଝିଅ | ଓବିସି | | | | | | | | |
| ୧୩ | ଉତ୍କେଳା | ଗିରିଧାରୀ ନାୟକ | ଗଙ୍ଗାଧର ନାୟକ | ୫୦ | ନିଜେ | ଓବିସି | | | | | | | | |
| | | | | | | | ୫.୮୨ | | | | ୨.୧୦ | ୨.୧୦ | ୩୬.୦୮ | ୧୦୦. |

Certified to be True Copy
Land Acquisition Officer
Kalahandi

# କାର୍ଯ୍ୟନିର୍ବାହୀ ସାରାଂଶ

ବିମାନ ବନ୍ଦର ପରିବହନ ଭିତ୍ତିଭୂମିର ଗୋଟିଏ ଅଭିନ୍ନ ଅଂଶ ଅଟେ ଏବଂ ଅର୍ଥବ୍ୟବସ୍ଥା ର ଏକ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ର ଅଟେ । ବିମାନ ବନ୍ଦର ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଥିବା ବ୍ୟବସାୟରେ ଅଭିବୃଦ୍ଧି କରିବା ସହିତ ଭବିଷ୍ୟତରେ ଏହାକୁ ଅଧିକ ସମୃଦ୍ଧି କାରିବାକୁ କ୍ଷମତା ରଖି ଥାଏ । ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ନୂତନ ଭାବରେ ବିମାନବନ୍ଦରର ନିର୍ମାଣ, ବିସ୍ତାର ଏବଂ ପୂର୍ବରୁ ଥିବା ଭିତ୍ତିଭୂମିର ଉନ୍ନତି ନିମନ୍ତେ ବିଭିନ୍ନ ବିମାନବନ୍ଦର ପ୍ରକଳ୍ପ ଆରମ୍ଭ କରିଛନ୍ତି । ଉକ୍ଳେଲା ଏୟାର ଷ୍ଟ୍ରିପ୍ ପ୍ରକଳ୍ପ ସେମାନଙ୍କ ମଧ୍ୟରୁ ଅନ୍ୟତମ ଯେଉଁଥିରେ ବର୍ତ୍ତମାନ ଆବଶ୍ୟକତା ଆଧାରରେ ଉନ୍ନତିକରଣ କରାଯିବ, ଯେଉଁଥିପାଇଁ ବର୍ତ୍ତମାନ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରଯାଉଛି ।

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବା ନିମନ୍ତେ ଓଡିଶା ସରକାର ଗବେଷଣା କାର୍ଯରେ ନିୟୋଜିତ ଥିବା ଏକ ସତନ୍ତ୍ର ସଂସ୍ଥା "ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର"(ଏନ୍ ସି ଡି ଏସ୍) (ଓଡିଶା ସରକାରଙ୍କ ସହଯୋଗରେ କାର୍ଯ୍ୟ କରୁଥିବା ଏକ ଆଇ ସି ଏସ୍ ଏସ୍ ଆର୍ ସଂସ୍ଥା)କୁ ରାଜ୍ୟର ସମସ୍ତ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ଆବଶ୍ୟକ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବାକୁ ରାଜ୍ୟ ଏସ୍ ଆଇ ଏ ୟୁନିଟ୍ ଭାବରେ ମନୋନିତ କରିଛନ୍ତି । ଉକ୍ଳେଲା ଏୟାର ଷ୍ଟ୍ରିପ୍ ପ୍ରକଳ୍ପ ନିର୍ମାଣ ନିମନ୍ତେ କଳାହାଣ୍ଡି ଜିଲ୍ଲାର କେସିଂଗା ତହସିଲର ଉକ୍ଳେଲା ଗ୍ରାମରେ ଆବଶ୍ୟକ ବେସରକାରୀ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ବର୍ତ୍ତମାନର ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନଟି *ନିର୍ଦ୍ଦେଶ, ଗଞ୍ଜାମ* ନାମକ ଏକ ତାଲିକାଭୁକ୍ତ ଅନୁଷ୍ଠାନକୁ ପ୍ରଦାନ କରଯାଇଛି ।

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ:

ପ୍ରକଳ୍ପ ହେତୁ ମଣିଷ ଜୀବନ ଉପରେ ପଡିବାକୁ ଥିବା ବିଭିନ୍ନ ସାମ୍ଭାବ୍ୟ ପ୍ରଭାବ ସମ୍ପର୍କରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିଚାରକୁ ନେଇଥାଏ । ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସମୟରେ ଅଧ୍ୟୟନ ଦଳ ସମ୍ପୃକ୍ତ ସ୍ଥାନ ପରିଦର୍ଶନରେ ଯାଇ ସହଭାଗୀ ପ୍ରକ୍ରିୟା ଯଥା-କେନ୍ଦ୍ରୀଭୂତ ଦଳଗତ ଆଲୋଚନା. ପି ଆର୍ ଏ ଏବଂ ସୂଚନାଦାତାମାନଙ୍କ ସହ ସାକ୍ଷାତକାର ଆଦି ମାଧ୍ୟମରେ ଓ କ୍ଷେତ୍ର ଯାଞ୍ଚ ବିଭିନ୍ନ ପ୍ରକାର ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟ ସଂଗ୍ରହ କରି କରି ବିଶ୍ଳେଷଣ କରିଥିଲେ । ଜମି ଆକଳନ, ଜମିର ରେକର୍ଡ ଓ କ୍ଷେତ୍ର ଯାଞ୍ଚକୁ ଆଧାର କରି କେତେ ସଂଖ୍ୟକ ପରିବାର ପ୍ରଭାବିତ ହେବେ ସଠିକ ଭାବରେ ଆକଳନ କରିବେ ।

ଅଧ୍ୟୟନର ପଦ୍ଧତି

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ପ୍ରବନ୍ଧନ ଅନୁଯାୟୀ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ପରିବାରଗୁଡିକୁ 'ଜନଗଣନା ସର୍ଭେ ପଦ୍ଧତି' ଏବଂ ପରୋକ୍ଷ ପ୍ରଭାବିତ ପରିବାର ପାଇଁ 'ନମୁନା ସର୍ଭେକ୍ଷଣ ପଦ୍ଧତି' ରେ ଆକଳନ [illegible] tools) ଏବଂ ପ୍ରକ୍ରିୟା ଯଥା *ସାମାଜିକ ମାନଚିତ୍ର, ସମ୍ବଳ ମାନଚିତ୍ର* ଏବଂ ପ୍ରଭାବିତ ଅଞ୍ଚଳରେ *ଲୋକମାନଙ୍କ ସହ କେନ୍ଦ୍ରୀଭୂତ ଦଳଗତ ଆଲୋଚନା* (FGD) ପ୍ରଭୃତି ବ୍ୟବହାର କରାଯାଇଛି । ତଥ୍ୟ ସଂଗ୍ରହ ନିମନ୍ତେ ସର୍ବେକ୍ଷଣ କରିବା ସମୟରେ ୩ ପ୍ରକାର ଅନୁସୂଚୀ ବ୍ୟବହାର କରାଯାଇଥିଲା, ସେଗୁଡିକ ହେଲା; *ପରିବାର ସର୍ବେକ୍ଷଣ*

*ଅନୁସୂଚୀ. ସାଧାରଣ, ସାମାଜିକ ଏବଂ ସାଂସ୍କୃତିକ ଭିତ୍ତିଭୂମି ସର୍ବେକ୍ଷଣ ଅନୁସୂଚୀ ଏବଂ କେନ୍ଦ୍ରୀଭୂତ ଦଳଗତ ଆଲୋଚନା ର ନିର୍ଦ୍ଦେଶିକା।* ସାମାଜିକ ପ୍ରଭାବ ଆକଳନ ଦଳ ସାମାଜିକ ପ୍ରଭାବ ପ୍ରଶମନ ଯୋଜନାକୁ ପ୍ରଭାବିତ ଅଞ୍ଚଳରେ ପ୍ରସାରଣ କରିବା ନିମନ୍ତେ ଓଡିଆ ଭାଷାରେ ପ୍ରସ୍ତୁତ କରିଥିଲା ।

## ଅଧ୍ୟୟନର ନିଷ୍କର୍ଷ

### ପ୍ରଭାବିତ ପରିବାରର ସାମଜିକ ଆର୍ଥିକ ପାର୍ଶ୍ୱଚିତ୍ର

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ୧୩ ଟି ପରିବାର ଏବଂ ପରୋକ୍ଷ ଭାବରେ ପ୍ରଭାବିତ ୧୦ଟି ପରିବାରର ସର୍ବେକ୍ଷଣ କରାଯାଇଥିଲା । ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ପରିବାରର ସାମାଜିକ-ଆର୍ଥିକ ପାର୍ଶ୍ୱଚିତ୍ର ର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦାନ କରାଯାଇଛି ।

ସର୍ବେକ୍ଷଣ କରାଯାଇଥିବା ପରିବାର ସଦସ୍ୟମାନଙ୍କ ଲିଙ୍ଗଭିତ୍ତିକ ବିଭାଜନ ପ୍ରଦର୍ଶିତ କରୁଛି ଯେ, ସମୁଦାୟ ୬୩ ସଦସ୍ୟଙ୍କ ମଧ୍ୟରୁ ୩୧ (୪୯.୨୧%)ଜଣ ପୁରୁଷ ଓ ୩୨ (୫୦.୭୯%)ଜଣ ମହିଳା ଅଟନ୍ତି । ସେ ଯାହାହେଉ ସେମାନଙ୍କ ବୟସବର୍ଗରେ ବିଭାଜନ ପ୍ରଦର୍ଶିତ କରୁଛି ଯେ, ୩୪.୯୨% ଲୋକ ୧୮ରୁ ୪୫ ବର୍ଷ ବୟସ ମଧ୍ୟରେ ଯେଉଁମାନେ କି ଉତ୍ପାଦନକ୍ଷମ ଗୋଷ୍ଠୀ ଅଟନ୍ତି ଏବଂ ୨୮.୫୭% ଲୋକ ୪୫ ରୁ ୬୦ ବର୍ଷ ବୟସ୍କ ଯେଉଁମାନେ ମଧ୍ଯ ଅର୍ଥନୈତିକ ଦୃଷ୍ଟିରୁ ରୋଜଗାରକ୍ଷମ । ତେଣୁ ଏହି ଉପସ୍ଥାପନରୁ ଜଣାପଡେ ଯେ ସର୍ବେକ୍ଷଣ କରାଯାଇଥିବା ଅଞ୍ଚଳର ୬୦%ରୁ ଅଧିକ ଲୋକ ପରିବାରର ଆର୍ଥିକ ସ୍ଥିତିରେ ସହଯୋଗ କରୁଛନ୍ତି । ଆହୁରି ମଧ୍ଯ ୨୦.୬୩% ଲୋକଙ୍କର ବୟସ ୧୮ ବର୍ଷରୁ କମ ଅଟେ । ଏହା ବ୍ୟତୀତ ମାତ୍ର ୧୫.୮୭% ଲୋକଙ୍କର ବୟସ ୬୦ ବର୍ଷରୁ ଅଧିକ ଯେଉଁମାନେ କି ରୋଜଗାରକ୍ଷମ ବ୍ୟକ୍ତିମାନଙ୍କ ଉପରେ ନିର୍ଭର କରନ୍ତି । ସାମାଜିକ ସଂରଚନା ପ୍ରଦର୍ଶିତ କରୁଛି ଯେ, ପ୍ରଭାବତ ତାଲିକାରେ ଗ୍ରାମର କୌଣସି ଦୁସ୍ଥବର୍ଗର ବ୍ୟକ୍ତିବିଶେଷ ନାହାନ୍ତି ।

ପ୍ରକଳ୍ପ ପ୍ରଭାବିତ ଲୋକମାନଙ୍କର ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ଏହା ଦୃଷ୍ଟିଗୋଚର ହେଲା ଯେ, ପ୍ରକଳ୍ପ ପ୍ରଭାବିତ ଗ୍ରାମର ସମୁଦାୟ ୬୩ ଜଣ ପ୍ରକଳ୍ପ ପ୍ରଭାବିତ ଲୋକମାନଙ୍କ ମଧ୍ୟରୁ ୬୦(୯୬.୭୭%)ଜଣ ସାକ୍ଷର ଏବଂ ଅବଶିଷ୍ଟ ନିରକ୍ଷର ଅଟନ୍ତି । ସମୁଦାୟ ସାକ୍ଷରମାନଙ୍କ ମଧ୍ୟରୁ ସର୍ବାଧିକ (୨୬.୬୭%) ବ୍ୟକ୍ତି ଇଣ୍ଟରମିଡିଏଟ ପାସ୍ କରିଥିବା ବେଳେ ୨୫% ସ୍ନାତକୋତ୍ତର ସ୍ତର ସମାପ୍ତ

କରିଛନ୍ତି ଏବଂ ୨୧.୬୭% ମାଟ୍ରିକ ପାସ୍ କରିଛନ୍ତି । ଅନ୍ୟାନ୍ୟ ଶିକ୍ଷାଗତ ଯୋଗ୍ୟତା ମଧ୍ୟରେ ପ୍ରାଥମିକ ସ୍ତର ପର୍ଯ୍ୟନ୍ତ ୩.୩୩%, ୧୧.୬୭% ସ୍ନାତକ ସ୍ତର ପର୍ଯ୍ୟନ୍ତ ଶିକ୍ଷା ପ୍ରାପ୍ତ ହୋଇଛନ୍ତି ।

ଜୀବିକାର ଢାଞ୍ଚା ପ୍ରଦର୍ଶିତ କରୁଛି ଯେ, ସମୁଦାୟ ୨୦ ଜଣ ବ୍ୟକ୍ତି ବିଭିନ୍ନ ବୃତ୍ତିରେ ନିୟୋଜିତ ଅଛନ୍ତି । ସେମାନଙ୍କ ମଧ୍ୟରୁ ସର୍ବାଧିକ ବ୍ୟକ୍ତି ୧୦ ଜଣ (୫୦%) ବ୍ୟକ୍ତି ଉଭୟ ସରକାରୀ ବେସରକାରୀ ଅନୁଷ୍ଠାନରେ ଦରମା ଭିତ୍ତିକ

ଲୋକ କୃଷି କାର୍ଯ୍ୟରେ ଲିପ୍ତ ଅଛନ୍ତି ଏବଂ ସମାନ ସଂଖ୍ୟକ ଲୋକ ଦିନ ମଜୁରି କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଏହା ବ୍ୟତୀତ ଜଣେ ଲୋକ କୃଷି ଶ୍ରମିକ୍ ଭାବରେ କାର୍ଯ୍ୟ କରୁଛନ୍ତି ।

ସର୍ଭେ ହୋଇଥିବା ୧୩ଟି ପରିବାରର ଆୟର ସ୍ତର ପ୍ରଦର୍ଶିତ କରୁଛି ଯେ, ସର୍ବାଧିକ ୭(୫୩.୮%)ଟି-ପରିବାରର ବାର୍ଷିକ ଆୟ ୩ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କା ମଧ୍ୟରେ । ଦ୍ୱିତୀୟ ସର୍ବାଧିକ ସଂଖ୍ୟକ ଲୋକ (୨୩.୧%) ୧ଲକ୍ଷ ଟଙ୍କାରୁ ୨ଲକ୍ଷ ଟଙ୍କା ବାର୍ଷିକ ଆୟ ମଧ୍ୟରେ ଏବଂ ୧୫.୪% (୨ଟି ପରିବାର) ର ଆୟ ୨ଲକ୍ଷ ଟଙ୍କାରୁ ୩ଲକ୍ଷ ଟଙ୍କା ବାର୍ଷିକ ଆୟର ସ୍ତର ମଧ୍ୟରେ ଅଛନ୍ତି । ଏତଦ୍ ବ୍ୟତୀତ ଅଧ୍ୟୟନରୁ ଜଣାଗଲା ମାତ୍ର ଗୋଟିଏ ପରିବାରର ବାର୍ଷିକ ଆୟ ୫ ଲକ୍ଷ ଟଙ୍କାରୁ ଅଧିକ ।

ପ୍ରଭାବିତ ପରିବାରର ଗୃହର ଢାଞ୍ଚା ଓ ସେଥିରେ ଉପଲବ୍ଧ ମୌଳିକ ସୁବିଧାର ସ୍ଥିତି ପ୍ରଦର୍ଶିତ କରୁଛି ଯେ, ସମସ୍ତ ୧୩ ଟି ପ୍ରଭାବିତ ପରିବାର ସେମାନଙ୍କର ନିଜ ଗୃହରେ ବସବାସ କରୁଛନ୍ତି, ଗୋଟିଏ ମାତ୍ର ଘରକୁ ବାଦ୍ ଦେଇ ଅନ୍ୟ ସମସ୍ତ ଘର ଇଟା ଏବଂ ସିମେଣ୍ଟରେ ତିଆରି । ଏହା ଆହୁରି ମଧ୍ୟ ପରିଲକ୍ଷିତ ହେଲା ଯେ, ଗୃହର ଚଟାଣ ମାଟିରେ (୧) ସିମେଣ୍ଟରେ (୧୨)ଟି ନିର୍ମାଣ କରାଯାଇଛି । ସେହିପରି ୧୨ ଟି ବାସଗୃହର ଛାତ କଂକ୍ରିଟରେ ତିଆରି ହୋଇଥିବା ବେଳେ ୧ ଟି ଘରର ଛାତ ଟାଇଲରେ ତିଆରି । ଏହା ମଧ୍ୟ ଦୃଷ୍ଟିଗୋଚର ହେଲା ଯେ, ପ୍ରଭାବିତ ସମସ୍ତ ପରିବାର ଉତ୍ତମ ଭାବରେ ନିର୍ମିତ ସମସ୍ତ ମୌଳିକ ସୁବିଧା ଉପଲବ୍ଧ ଥିବା ଗୃହରେ ବସବାସ କରୁଛନ୍ତି ।

ଆହୁରି ମଧ୍ୟ ଏହା ଦୃଷ୍ଟିଗୋଚର ହେଲା ଯେ, ସମସ୍ତ ବାସଗୃହରେ ମୌଳିକ ନାଗରିକ ସୁବିଧା ସୁଯୋଗ ଯଥା- ରାନ୍ଧୁଆଘର, ପାଇଖାନା, ଘର ଭିତରେ ଧୁଆଧୁଇ ହେବା ପାଇଁ ସତନ୍ତ୍ର ସ୍ଥାନ ଏବଂ ବିଦ୍ୟୁତ୍ ସଂଯୋଗ ଇତ୍ୟାଦି ଉପଲବ୍ଧ ଅଛି ।

ପରିବାର ତଥ୍ୟରୁ ଜଣା ପଡୁଛି ଯେ, ଅଧିକାଂଶ ପରିବାର ସ୍ତର ଘଟଣାର ନିଷ୍ପତ୍ତିଗ୍ରହଣ ପ୍ରକ୍ରିୟାରେ ପୁରୁଷ ଓ ମହିଳା ଉଭୟ ଅଂଶଗ୍ରହଣ କରନ୍ତି ଏବଂ କେତେକ ଘଟଣା ଯେପରିକି ଆର୍ଥିକ ମାମଲା ଏବଂ ଜମି ଓ ସମ୍ପତ୍ତି ଘଟଣାରେ ପୁରୁଷ ଲୋକମାନେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି ।

ଜମି ଆକଳନ

ଉକ୍ଳେଲା ଏୟାର ଷ୍ଟ୍ରିପ୍ ପ୍ରକଳ୍ପ ନିର୍ମାଣ ନିମନ୍ତେ ଉକ୍ଳେଲା ଗ୍ରାମରେ ସମୁଦାୟ ୮.୫୨ ଏକର ବ୍ୟକ୍ତିଗତ ଜମି ପ୍ରଭାବିତ ହେବ ଏବଂ ସମୁଦାୟ ପ୍ରଭାବିତ ହେଉଥିବା ୮.୫୨ ଏକର ଜମି ଅଧିଗ୍ରହଣ କରାଯିବ । ସର୍ବେକ୍ଷଣ ସମୟରେ, ଏସ୍ ଆଇ ଏ ଦଳ ସମସ୍ତ ୧୩ ଟି ପରିବାର ଠାରୁ ତଥ୍ୟ ସଂଗ୍ରହ ମାଧ୍ୟମରେ ଅଧିଗ୍ରହଣ ହେଉଥିବା ସମସ୍ତ ଜମିକୁ ଆଚ୍ଛାଦିତ କରିଥିଲେ ।

ଆକଳନ ରୁ ଜଣାଗଲା ୧୩ ଟି ପ୍ରଭାବିତ ପରିବାର ନିକଟରେ ସମୁଦାୟ ୫୮.୪୭ ଏକର ପ୍ରତ୍ୟେକ ପରିବାରର ବ୍ୟକ୍ତିଗତ ମାଲିକାନାରେ ଥିବା ଜମି ।ପ୍ରାଥମିକ ତଥ୍ୟରୁ ଜଣା ଯାଉଛି ସମୁଦାୟ ଜମିରୁ ୬.୦୦ (୧୦.୨୬) ଏକର

ଜମି (ସାରଣୀ-୪.୨) । ଅର୍ଥାତ ବ୍ୟକ୍ତିଗତ ମାଲିକାନାରେ ଥିବା ଜମିର ମୁଖ୍ୟ ଅଂଶ ଅଣାଜଳସେଚିତ ଅଟେ ।

ସର୍ବେକ୍ଷଣ କରାଯାଇଥିବା ଗ୍ରାମରେ ଥିବା ଜମିର ବ୍ୟବହାର ପ୍ରଣାଳୀ ରୁ ଜଣା ଯାଉଛି ସମୁଦାୟ ୫୮.୪୭ ଏକର ଜମି ମଧ୍ୟରୁ ୨୫.୩୩ ଏକର (୪୩.୩୨%) ଚାଷକାର୍ଯ୍ୟରେ ଏବଂ ୦.୫୮ ଏକର (୦.୯୯%) ବାସସ୍ଥଳୀ

ହିସାବରେ ବ୍ୟବହୃତ ହୁଏ । ଏସବୁ ବ୍ୟତୀତ ଦେଖାଗଲା ଯେ, ପ୍ରଭାବିତ ଗ୍ରାମରେ ୧୫.୨୨ ଏକର ପତିତ ଜମି ଅଛି ଯାହାକି ଲୋକମାନଙ୍କ ଦ୍ୱାରା କୌଣସି ପ୍ରକାର ବ୍ୟବହାର କରାଯାଉନାହିଁ ।

ସମସ୍ତ ପ୍ରଭାବିତ ପରିବାରମାନଙ୍କ ଅଧିକାରରେ ୫୮.୪୭ ଏକର ଜମି ଉପଲବ୍ଧ ଅଛି । ପ୍ରାଥମିକ ତଥ୍ୟରୁ ଏହା ଅବଗତ ହେଉଛି ଯେ, ପ୍ରଭାବିତ ପରିବାରମାନଙ୍କ ପାଖରେ ଥିବା ସମୁଦାୟ ବ୍ୟକ୍ତିଗତ ଜମିରୁ ୮.୫୨(୧୪.୫୭%) ଏକର ଜମି ଏୟାର ଷ୍ଟ୍ରୀପ୍ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବ ଏବଂ ସମୁଦାୟ ପ୍ରଭାବିତ ଜମି ଅଧିଗ୍ରହଣ କରାଯିବ ।

ପ୍ରସ୍ତାବିତ ପ୍ରକଳ୍ପରେ ଲୋକମାନେ କେବଳ ବ୍ୟକ୍ତିଗତ ଜମି ହରାଉଛନ୍ତି । ଆହୁରି ମଧ୍ୟ ଜଣା ଯାଉଛି ପ୍ରକଳ୍ପ ପ୍ରଭାବିତ ଗ୍ରାମରେ ବ୍ୟକ୍ତିଗତ ଜମି ବ୍ୟତୀତ ପ୍ରକଳ୍ପ ଗ୍ରାମରେ ଅନ୍ୟ କୌଣସି ଢାଞ୍ଚା/ଘର ଗଛ, ସର୍ବସାଧାରଣ ସମ୍ପତ୍ତି ଆଦି ପ୍ରଭାବିତ ହେଉନାହିଁ ।

ପ୍ରଭାବିତ ପରିବାରର ମତାମତ ଅନୁଯାୟୀ ପ୍ଲଟ ନମ୍ବର ୧୪୬୭,୧୪୭୪ ଏବଂ ୧୪୬୮ ପରସ୍ପର ସହ ସଂଯୁକ୍ତ ହୋଇ ରହିଛି । ପ୍ରକଳ୍ପ ଅଧିକାରୀମାନେ ପ୍ଲଟ ନମ୍ବର ୧୪୭୪ ଏବଂ ୧୪୬୮କୁ ଅଧିଗ୍ରହଣ କରୁଛନ୍ତି କିନ୍ତୁ ପ୍ଲଟ ନମ୍ବର-୧୪୬୭ କୁ ଅଧିଗ୍ରହଣ ରୁ ବାଦ ଦେଇଛନ୍ତି, ଅନ୍ୟ ଦୁଇଟି ପ୍ଲଟର ଅଧିଗ୍ରହଣ ପରେ ଏହି ପ୍ଲଟର କୌଣସି ମୂଲ୍ୟ ନାହିଁ । ତେଣୁ ପ୍ରଭାବିତ ପରିବାରମାନେ ଦାବି କରୁଛନ୍ତି ଯେ, ପ୍ରକଳ୍ପ ଅଧିକାରୀମାନେ ସମସ୍ତ ତିନୋଟି ପ୍ଲଟ କୁ ଅଧିଗ୍ରହଣ କରିବା ଉଚିତ ଏବଂ ଏହି ତିନୋଟି ପ୍ଲଟ ନିମନ୍ତେ କ୍ଷତି ପୂରଣ ପ୍ରଦାନ କରିବା ଉଚିତ ପ୍ରକଳ୍ପ ନିମନ୍ତେ ।

ପ୍ରକଳ୍ପର ପ୍ରଭାବ ;

ଅଧ୍ୟୟନର ନିଷ୍କର୍ଷ ଅନୁଯାୟୀ ସମସ୍ତ ପ୍ରଭାବିତ ଲୋକ ଉତ୍କେଳା ଏୟାର ଷ୍ଟ୍ରୀପ୍ ପ୍ରକଳ୍ପ ସମ୍ବନ୍ଧରେ ଅବଗତ ଅଛନ୍ତି ଯାହା ସମ୍ପୃକ୍ତ ଗ୍ରାମରେ ଆରମ୍ଭ ହେବାକୁ ଯାଉଛି । ସେ ଯାହାହେଉ, ପ୍ରକଳ୍ପର ଲାଭ ସମ୍ବନ୍ଧରେ, ଉତ୍ତରଦାତାମାନେ ମତ ଦେଇଥିଲେ ଯେ, ସେମାନେ ପ୍ରକଳ୍ପ ରୁ ଉଭୟ ସାମାଜିକ ଓ ଆର୍ଥିକ ଲାଭ ପାଇବେ । ଏହି ପରିପ୍ରେକ୍ଷୀରେ ୫୩.୮୫% ଉତ୍ତରଦାତା ମତ ଦେଇଥିଲେ ଯେ, ପ୍ରକଳ୍ପ ସହଜ ଯୋଗାଯୋଗ ବ୍ୟବସ୍ଥା ସୃଷ୍ଟି କରିବ, ୭.୬୯% ମତ ଦେଇଥିଲେ ଯେ, ଏହା ସମୟ ସଞ୍ଚୟ କରିବ ଏବଂ ୩୮.୪୬% ଉତ୍ତରଦାତା ମତ ଦେଇଥିଲେ ଯେ, ପ୍ରକଳ୍ପ ଜରୁରୀ ଚିକିତ୍ସା ନିମନ୍ତେ ସୁଯୋଗ ସୃଷ୍ଟି କରିବ । ଆହୁରି ମଧ୍ୟ, ଉତ୍ତରଦାତାମାନେ ପ୍ରକଳ୍ପ ର ଆର୍ଥିକ ଲାଭ ସମ୍ବନ୍ଧରେ ମତ ଦେଇଥିଲେ ଏବଂ ୫୩.୮୫% ଉତ୍ତରଦାତାଙ୍କ ମତରେ ପ୍ରକଳ୍ପ ହେତୁ ସ୍ଥାନୀୟ ଅଞ୍ଚଳରେ ସମ୍ପତ୍ତିର ମୂଲ୍ୟବୃଦ୍ଧି ହେବ ଏବଂ ୪୬.୧୫% ଉତ୍ତରଦାତା କହିଲେ ଯେ ପ୍ରକଳ୍ପ ହେତୁ ସ୍ଥାନୀୟ ବ୍ୟବସାୟରେ ଉନ୍ନତି ହେବ ।

କ୍ଷତିପୂରଣ ନିମନ୍ତେ ପ୍ରଭାବିତ ପରିବାରମାନଙ୍କର ଆଶା ଓ ଅଗ୍ରାଧିକାର ସମ୍ପର୍କରେ ପ୍ରାୟ ସମସ୍ତ ପରିବାର ସେମାନଙ୍କ ଜମି ଓ ଅନ୍ୟାନ୍ୟ ସମ୍ପତ୍ତିର କ୍ଷତି ନିମନ୍ତେ ଟଙ୍କା ନେବାକୁ ମତ ଦେଇଥିଲେ । କ୍ଷତିପୂରଣ ଆକାରରେ [illegible]

ପରିବାରର ଜୀବିକା ସୁନିଶ୍ଚିତ କରାଯାଉ । ଏ ସମ୍ବନ୍ଧରେ ଗୋଟିଏ ପରିବାର ନିଜର ସ୍ଥାନରେ ତାଙ୍କ ପରିବାରରେ ଜଣେ ସଦସ୍ୟଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ନିମନ୍ତେ ଅଗ୍ରାଧିକାର ଦେଇଥିଲେ ଏବଂ ୨ ଟି ପରିବାର ସେମାନଙ୍କ ଅଞ୍ଚଳରେ ସରକାରଙ୍କ ତରଫରୁ ଚାଲିଥିବା ବିଭିନ୍ନ ଉନ୍ନୟନ ଯୋଜନାରୁ ଋଣ ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଥିଲେ । ଏହା ବ୍ୟତୀତ ୧୦ ଟି ପରିବାର ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଥିଲେ ।

...ମାନଙ୍କ ଜମି କ୍ଷତି ନିମନ୍ତେ କ୍ଷତିପୂରଣ ବାବଦରେ ସ୍ଥାନୀୟ ଅଞ୍ଚଳରେ ଜମିର ମୂଲ୍ୟର ୪ ଗୁଣ ଅର୍ଥ ଦାବି କରିଛନ୍ତି । ଏହା ବ୍ୟତୀତ ପ୍ରକଳ୍ପ ଅଧିକାରୀମାନଙ୍କ ଦ୍ୱାରା ରାସ୍ତା ଆଲୋକିକରଣ, ଜଳ ନିଷ୍କାସନର ଉପାୟ, ନିରାପଦ ପାନୀୟ ଜଳ ଯୋଗାଣର ଆୟୋଜନ, କୃଷି ଜମିକୁ ରାସ୍ତା ଆଦି ଭଳି ଉନ୍ନୟନମୂଳକ କାର୍ଯ୍ୟ କାରାଯିବା ଉଚିତ । କେତେକ ଲୋକ ଦୁର୍ଗା ମଣ୍ଡପ ଠାରୁ ଏୟାର ଷ୍ଟ୍ରୀପ୍ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ନିମନ୍ତେ ଦାବି ଜଣାଇଥିଲେ ।

## ସୁପାରିଶ

ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ନିଷ୍କର୍ଷର ଆଧାରରେ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସୁପାରିଶ କରାଯାଉଛି ।

୧. କ୍ଷତିଗ୍ରସ୍ତ ଜମିମାଲିକମାନଙ୍କୁ କ୍ଷତିପୂରଣ ଅର୍ଥ ପୈଠ କରିବାପାଇଁ ଏକ ସହଜ ଓ ସରଳ ପ୍ରଣାଳୀ ଗ୍ରହଣ କରାଯିବା ଦରକାର, କାରଣ ଅନେକ ଆଶଙ୍କା କରୁଛନ୍ତି ସରକାରୀ ବ୍ୟବସ୍ଥା ଜଟିଳ ଯାହାକି କ୍ଷତିଗ୍ରସ୍ତ ଲୋକମାନଙ୍କୁ କ୍ଷତିପୂରଣ ପାଇବାରେ ସହାୟକ ହେବନାହିଁ ।

୨. ପ୍ରକଳ୍ପ ଅଧିକାରୀଙ୍କ ଦ୍ୱାରା ପ୍ଲଟ ନମ୍ବର ୧୪୬୪ ଏବଂ ୧୪୬୮ ଅଧିଗ୍ରହଣ କରାଯାଉଛି ଏବଂ ପ୍ଲଟ ନମ୍ବର ୧୪୬୭କୁ ଅଧିଗ୍ରହଣରୁ ବାଦ୍ ଦିଆ ଯାଇଛି ଯାହାର କି ଅନ୍ୟ ଦୁଇଟି ପ୍ଲଟର ଅଧିଗ୍ରହଣ ପରେ କୌଣସି ମୂଲ୍ୟ ନାହିଁ । ତେଣୁ ଏହି ପରାମର୍ଶ ଦିଆ ଯାଉଛି କି ପ୍ରକଳ୍ପ ଅଧିକାରୀ ଆବଶ୍ୟକ ତଦାରଖ ପରେ ଏହି ପ୍ଲଟଟିକୁ ମଧ ଅଧିଗ୍ରହଣ କରନ୍ତୁ ।

୩. ଲୋକମାନଙ୍କ ଅସୁବିଧା ଦୂର କରିବାକୁ, ଲୋକମାନେ ରାସ୍ତା ଆଲୋକିକରଣ, ଜଳ ନିଷ୍କାସନର ଉପାୟ, ନିରାପଦ ପାନୀୟ ଜଳ ଯୋଗାଣର ଆୟୋଜନ, କୃଷି ଜମିକୁ ରାସ୍ତା ଆଦି ଭଳି ଉନ୍ନୟନମୂଳକ କାର୍ଯ୍ୟ ପ୍ରକଳ୍ପ ଅଧିକାରୀମାନଙ୍କ ଦ୍ୱାରା କରାଯିବା ନିମନ୍ତେ ଦାବି ଉପସ୍ଥାପନ କରିଥିଲେ ।

୪. ସ୍ୱୟଂ ସହାୟକ ଦଳର ସଦସ୍ୟମାନଙ୍କ ନିମନ୍ତେ ଦକ୍ଷତା ବିକାଶ ଏବଂ ଆୟ ସୃଜନ କାର୍ଯ୍ୟକ୍ରମ ପ୍ରକଳ୍ପ ଅଧିକାରୀଙ୍କ ଦ୍ୱାରା ଆୟୋଜିତ କରାଯିବା ଉଚିତ, ପରିଣାମ ସ୍ୱରୁପ ସେମାନଙ୍କ ପରିବାରର ଜୀବିକା ପୁନଃସ୍ଥାପନ ହୋଇପାରିବ । ଏହା ବ୍ୟତୀତ ପ୍ରକଳ୍ପ ଅଧିକାରୀମାନଙ୍କ ଦ୍ୱାରା ୨୦ଟି ସ୍ୱୟଂ ସହାୟକ ଦଳ ନିମନ୍ତେ ଏକ ପ୍ରଶିକ୍ଷଣ ସହ ଉତ୍ପାଦନ କେନ୍ଦ୍ର ନିର୍ମାଣ କରାଯିବା ଉଚିତ ।

୫. କ୍ଷତିଗ୍ରସ୍ତ ହେଉଥିବା ସର୍ବସାଧାରଣ ସମ୍ପତ୍ତି ନିମନ୍ତେ ଗ୍ରାମବାସୀମାନଙ୍କ ସହ ବିସ୍ତୃତ ଆଲୋଚନା କରାଯାଇ କ୍ଷତିପୂରଣ ନିର୍ଦ୍ଧାରଣ କରି ପ୍ରଦାନ ବ୍ୟବସ୍ଥା କରାଯାଇପାରେ ।

ଯଦିଓ ପ୍ରଭାବିତ ପରିବାର ଉପରେ ପ୍ରକଳ୍ପର କେତେକ ବିପରିତ ପ୍ରଭାବ ରହିଛି, ଅଶା କରାଯାଏ ଜମି ଆବଶ୍ୟକ [illegible]

କରିବେ ।

Certified ... copy
Land Ac... Officer
Kalahandi